# ତହସିଲଦାରଙ୍କ କାର୍ଯ୍ୟାଳୟ, କାଲିମେଳା

ଦୀର୍ଘ ମିଆଦି ଲିଜ୍ ନିମନ୍ତେ ଇସ୍ତାହାର

ବିଜ୍ଞାପନ

ବିଜ୍ଞପ୍ତି ସଂଖ୍ୟା 1550 / 2018 ତା 3 . 11 . 2018

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ଯେ, ମାଲକାନଗିରି ଜିଲ୍ଲା ଅଧିନସ୍ଥ କାଲିମେଳା ତହସିଲ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡିକର ଚଳିତ ବର୍ଷ ନିମନ୍ତେ 2018-2019 ଆର୍ଥିକ ବର୍ଷ ଠାରୁ 2022 -2023 ପର୍ଯ୍ୟନ୍ତ ଲିଜ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଛୁକ ବ୍ୟକ୍ତି ବିଶେଷ O.M.M.C. (Ammendment Rules – 2016) ଦ୍ୱାରା ପ୍ରଣିତ ଫାରମ୍ – J ପୂରଣ କରି ଜଉମୁଦ ଲଫାପାରେ ତହସିଲଦାରଙ୍କୁ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟରେ ଜଉମୁଦ ରଖାଯାଇଥିବା ଟେଣ୍ଡର ବାକ୍ସ ମଧ୍ୟରେ ପକାଇ ପାରିବେ । ଦରଖାସ୍ତ ଗ୍ରହଣକରିବାର ଶେଷ ତା 24. 11 . 2018 ରିଖ ସମୟ ଅପରାହ୍ନ ଘ. 5.00 ଶ୍ରା ଅଟେ । (ଲଫାପା ଉପରେ ସୈରାତ ଉତ୍ସନାମ ଲେଖିଥିବା ଆବଶ୍ୟକ ) ନିଲାମ ଧାର୍ଯ୍ୟ ତାରିଖର ଅପରାହ୍ନ ଘ. 5.00 ଋିକାପର ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ ନାହିଁ । ସୈରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟର ସୂଚନା ମାଲକାନଗିରି ଜିଲ୍ଲା ୱେବସାଇଟ୍ http://malkangiri.nic.in ସୈରାତ ଅଧିନରେ ଉପଲବ୍ଧ ହେବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ମାଲକାନଗିରିଙ୍କ ରହିଅଛି ।

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ –

1) ଦରଖାସ୍ତ ପାଉଣା ବାବଦକୁ ଟ. 1,000.00ଙ୍କା (ଏକ ହଜାର ଟଙ୍କା )ମାତ୍ର (ଅଣଫେରସ୍ତ) ଟ୍ରେଜରୀ ଚାଲାଣ,
2) ପ୍ରସ୍ତାବିତ ସୈରାତ ଉତ୍ସର ତପସିଲ ସହ ଚୌହଦିର ସମ୍ପୂର୍ଣ୍ଣ ବିବରଣୀ ସଂପୃକ୍ତ ସୈରାତ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯାଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ,
3) ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନ ଥିବା ସମ୍ବନ୍ଧୀୟ ସତ୍ୟପାଠ,
4) ରାଜସ୍ୱ ଅଧିକାରୀଙ୍କ ଠାରୁ Solvency Certificate ସହ ଅସ୍ଥାବର ସମ୍ପତ୍ତିର ପ୍ରମାଣପତ୍ର ,
5) ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା –ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

ବିଶେଷ ସର୍ତ୍ତାବଳୀ –

1) ଆବେଦନ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନୀୟମାବଳୀ 2016 O.M.M.C. (Ammendment Rules - 2016) ଏବଂ Mannual of Tahasil Accounts ର ପରିସରଭୁକ୍ତ ରହିବେ ।
2) ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ନିୟମାଧାରୀ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଏକରୁ ଅଧିକ ଦରଖାସ୍ତକାରି ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ, ତେବେ ଲଟେରି ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।
3) ଲିଜଧାରୀ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୂଡାନ୍ତ ଦିବସର 7 ଦିନ ମଧ୍ୟରେ ନଗଦ ଟଙ୍କା ଆକାରରେ ସଂପୃକ୍ତ ତହସିଲଦାରଙ୍କ ନିକଟରେ ଦାଖଲ କରିବେ,
4) ଯଦି ନିଲାମଧାରୀ ନିର୍ଧାରିତ ସମୟରେ Mining Plan ( in ZB Form) ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜ ପତ୍ର ଦାଖଲ ନ କରନ୍ତି, ତେବେ ଉକ୍ତ ଅର୍ଥ ବାଜ୍ୟାପ୍ତ କରାଯିବ,
5) ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ମୂଲ୍ୟକୁ ଗୁଣନ କରି ସଂପୃକ୍ତ ଅର୍ଥକୁ Environment Clearance ଆଣି ସାରିଲା ପରେ ପୈଠ କରିବେ । ସଂପୃକ୍ତ ରାଶି ପୈଠ ହେଲାପରେ ରେଜିଷ୍ଟ୍ରେସନ୍ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତିପତ୍ର ( Lease Deed ) ସମ୍ପାଦନ କରିବେ ,
6) ଯଦି ସର୍ବୋଚ୍ଚ ରୟାଲଟି ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି, ତାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତି ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।
7) ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲଟି ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତ ବିଚାରକୁ ନିଆଯିବ ନିହିଁ,

8) ନିଲାମଧାରୀ ମାନେ O.M.M.C. (Ammendment ) Rules-2016 ର 27 (1,2,3,4, & 5 ) ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ,

9) ଲିଜ୍ ଧାରୀ ଜମା ରୟାଲଟିର 2 ପ୍ରତିଶତ ଆୟକର ବାବଦକୁ ଏବଂ 5 ପ୍ରତିଶତ ଅର୍ଥ ପରିବେଶ ପରିଚାଳନା ପାଣ୍ଠିକୁ ଜମା କରିବେ,

10) ଦରଖାସ୍ତକାରୀ Mines Act-1952 ଓବଂ Explosive Act – 1984 ର ସମସ୍ତ ନିୟମ, ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ,

11) ପରିଚାଳିତ ନିୟମ ଅନୁଯାୟୀ ଲିଜ୍ ଅବଧି ମାଧ୍ୟମରେ ଅର୍ଥାତ୍ ତା 30.03.2020 ରିଖ ଠାରୁ ଲଘୁ ଖଣିଜର ଦ୍ରବ୍ୟର ରୟାଲଟି ମୂଲ୍ୟରେ ଶତକଡା 40 ଭାଗ ବୃଦ୍ଧି ହେବେ ।

ଏଣୁ ସଂପୃକ୍ତ ଲିଜ୍ ଧାରୀ ମୂଲ୍ୟାଙ୍କନ କରିଥିବା ରୟାଲଟିରେ ମଧ୍ୟ ସମପରିମାଣରେ ବୃଦ୍ଧି କରାଯିବ । ପ୍ରଥମ ନିର୍ଦ୍ଧାରିତ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ସମୟରେ ନିଲାମ ହେବ ।

କାଳିମେଲା ତହସିଲର ନିଲାମ ହେବାକୁ ଥିବା ସୈରାତ ଉତ୍ସ

| କ୍ରମିକ. ନଂ: | ସୈରାତ ନାମ | ଗ୍ରାମ ନାମ | ଖାତା ନଂ. | ପ୍ଲଟ ନଂ. | ରକବା | ଅବଧାରୀତ ମୂଲ୍ୟ ପ୍ରତି କୁ.ମି. ଟ. |
|---|---|---|---|---|---|---|
| 01. | ପଥର ବଣି | ମାଲାଭରମ | 248 | 1547 | 1.140 | Rs.139/- |
| 02 | ପଥର ବଣି | ଭେଜାଙ୍ଗିୱାଡା | 629 | 2403 | 19.830 | Rs.139/- |
| 03 | ପଥର ବଣି | ଜେଁମେଟଲା | 185 | 903 | 7.730 | Rs.139/- |
| 04 | ପଥର ବଣି | ଜେଁମେଟଲା | 185 | 595 | 4.650 | Rs.139/- |
| 05 | ପଥର ବଣି | ଭେଙ୍କେଟପଲମ | 195 | 1340 | 8.800 | Rs.139/- |
| 06 | ବାଲି | ତେଲିଗୁଡା | 50 | 01 | 3.400 | Rs. 40/- |
| | | | 50 | 02 | 1.600 | |
| | | | ମୋଟ | | 5.000 | |
| 07 | ବାଲି | ଗିର୍କାନପାଲି | 398 | 3156 | 3.685 | Rs. 40/- |
| | | | 398 | 3240 | 2.175 | |
| | | | ମୋଟ | | 5.860 | |
| 08 | ବାଲି | ଭେଙ୍କେଟପଲମ | 195 | 01 | 2.130 | Rs. 40/- |
| | | | 195 | 02 | 1.450 | |
| | | | 195 | 73 | 1.000 | |
| | | | 195 | 74 | 0.650 | |
| | | | ମୋଟ | | 5.230 | |
| 09 | ବାଲି | ମାରାନପାଲ୍ଲି | 339 | 2320 | 2.800 | Rs. 40/- |
| | | | 339 | 2321 | 2.340 | |
| | | | ମୋଟ | | 5.140 | |

ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ, କାଳିମେଲା

ଧାର୍ଯ୍ୟ ତାରିଖ ଓ ସମୟ : 26.11.2018

ତହସିଲଦାର, କାଳିମେଲା

ପରିପତ୍ର ସଂଖ୍ୟା. 1551 /2018 ତା 3. 11 . 2018 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମାଲକାନଗିରି / ଉପ–ଜିଲ୍ଲାପାଳ, ମାଲକାନଗିରିଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କାଳିମେଲା

ପରିପତ୍ର ସଂଖ୍ୟା. 1552 /2018 ତା 3 . 11 . 2018 ରିଖ

ଏହାର ଏକକିତା ନକଲ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ତହସିଲ / କାର୍ଯ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି / ବିଜ୍ଞାପିତ ଅଞ୍ଚଳ ପରିଷଦ , କାଲିମେଳାଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଏବଂ ଏହାର ଏକକିତା ନକଲ ଅଫିସ୍ ନୋଟିସ୍ ବୋର୍ଡରେ ସମସ୍ତଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ଆଦେଶ କରାଗଲା ।

ତହସିଲଦାର, କାଲିମେଳା

ପରିପତ୍ର ସଂଖ୍ୟା. 1553 /2018 ତା 3 . 11 . 2018 ରିଖ

ଏହାର ଏକକିତା ନକଲ ଯୁଗ୍ମ ସଚିବ, ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱରଙ୍କୁ ସଦୟ ଅବଗତି କରାଗଲା ଅବଂ ଓଡିଆ ଦୈନିକ ଖବର କାଗଜରେ ପ୍ରସାରଣ ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର,

କାଲିମେଳା

ପରିପତ୍ର ସଂଖ୍ୟା. 1554 /2018 ତା 3 . 11 . 2018 ରିଖ

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଜାତୀୟ ସୂଚନା କେନ୍ଦ୍ର, ମାଲକାନଗିରିଙ୍କୁ ଜିଲ୍ଲା ୱେବ୍ ସାଇଟରେ ପ୍ରସାରଣ ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର, କାଲିମେଳା

ପରିପତ୍ର ସଂଖ୍ୟା. 1555 /2018 ତା 3 . 11 . 2018 ରିଖ

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, କାଲିମେଳା / ଉଷ୍ଣୁକୋଣ୍ଡାଙ୍କୁ ଜଣାଇ ଦିଆଗଲା ଏବଂ ଏହାର ଏକକିତା ନକଲ ଓଫିସ ନୋଟିସ ବୋର୍ଡରେ ସମସ୍ତଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ଅନୁରୋଧ କରାଗଲା ।

ତହସିଲଦାର, କାଲିମେଳା